# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**9 June– 2026**

# କ୍ୟାବିନେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, କ୍ୟାବିନେଟ୍ ୫ଟି ବିଭାଗର ମୋଟ ୧୦ଟି ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି । ଏଥିରେ ଜଳତଟ ବିକାଶ ଯୋଜନାକୁ ମଞ୍ଜୁରୀ ମିଳିଛି । ଏହି ଯୋଜନା ପାଇଁ ୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ । ରାଜ୍ୟରେ ପର୍ଯ୍ୟଟନ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଆତିଥ୍ୟ ଭିତ୍ତିଭୂମି ପାଇଁ ଭୂମିବ୍ୟାଙ୍କ ଯୋଜନାକୁ ଅନୁମୋଦନ ମିଳିଛି । ଏହି ଯୋଜନାରେ ପର୍ଯ୍ୟାୟକ୍ରମେ ୫ହଜାର ୫୦୧ ଏକର ଜମି ଚିହ୍ନଟ କରାଯାଇ ପର୍ଯ୍ୟଟନ ଭୂମି ବ୍ୟାଙ୍କ ସୃଷ୍ଟି କରାଯିବ । ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀକୁ ଏଥିରେ ସାମିଲ କରାଯାଇଛି । ସେହିଭଳି ପ୍ରଧାନମନ୍ତ୍ରୀ ଆବାସ ସହର ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ଆର୍ଥିକ ଅନଗ୍ରସର ବର୍ଗ ହିତାଧିକାରୀଙ୍କ ପାଇଁ ଷ୍ଟାମ୍ପ ଓ ପଞ୍ଜୀକରଣ ଶୁଳ୍କ ଛାଡ କରାଯାଇଛି । ଖୋର୍ଦ୍ଧାରେ ମହିଳା ଶ୍ରମିକ ହଷ୍ଟେଲ ବିକାଶ ବିକାଶ ପାଇଁ ନିଷ୍ପତ୍ତି ହୋଇଛି । ରାଜ୍ୟ ଶିଳ୍ପ ନୀତି ୨୦୨୨ରେ ସଂଶୋଧନ ହୋଇଥିବା ଶ୍ରୀମତୀ ଗର୍ଗ ସୂଚନା ଦେଇଛନ୍ତି ।

V/O

# ରାଜ୍ୟପାଳ-ପରିଦର୍ଶନ

ରାଜ୍ୟପାଳ ଡଃ ହରି ବାବୁ କମ୍ଭମପାଟି ଗତକାଲି ଗଜପତି ଜିଲ୍ଲାର ଜିରାଙ୍ଗସ୍ଥିତ ବୌଦ୍ଧ ମଠ ପରିଦର୍ଶନ କରି ଭଗବାନ ବୁଦ୍ଧଙ୍କ ନିକଟରେ ବିଶ୍ୱଶାନ୍ତି, ସମୃଦ୍ଧି ଓ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ। ଏହି ଅବସରରେ ରାଜ୍ୟପାଳ ମଠ ସଦସ୍ୟ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ମତାମତ ଓ ସମସ୍ୟା ବିଷୟରେ ଅବଗତ ହେବାସହ ମଠର ସାଧୁସନ୍ଥମାନଙ୍କର ଭକ୍ତି, କରୁଣା, ସମ୍ପ୍ରୀତି ଓ ଆଧ୍ୟାତ୍ମିକ ମୂଲ୍ୟବୋଧ ପ୍ରତି ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ।

# ନାଗରିକ ସମ୍ପର୍କ ଅଭିଯାନ

ରାଜ୍ୟର ସମସ୍ତ ପୌରାଞ୍ଚଳରେ ୧୩ ଦିନିଆ ନାଗରିକ ସମ୍ପର୍କ ଅଭିଯାନ ଆଜିଠାରୁ ଆରମ୍ଭ ହେଉଛି । ସହରାଞ୍ଚଳ ନାଗରିକ ସମ୍ପର୍କ ନାଗରିକକୈନ୍ଦ୍ରିକ ସହରୀ ଶାସନକୁ ସୁଦୃଢ଼ କରିବା ଏବଂ ସହରୀ ବିକାଶରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ବୃଦ୍ଧି କରିବା ଲକ୍ଷ୍ୟ ନେଇ ଆଜିଠାରୁ ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏହି କାର୍ଯ୍ୟକ୍ରମ ଚାଲିବ । ଏଥିରେ ସଚେତନତା ଶୋଭାଯାତ୍ରା, ୱାର୍ଡ଼ସ୍ତରୀୟ ବୈଠକ, ଜନ ପରାମର୍ଶ, ସ୍ୱଚ୍ଛତା ଅଭିଯାନ ଆଦି ବିଭିନ୍ନ ନାଗରିକକୈନ୍ଦ୍ରିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ ।

## ଏସ୍ଆଇଆର୍

ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ  ୧୦ ଦିନ ମଧ୍ୟରେ ରାଜ୍ୟର ୨ କୋଟି ୭୦ଲକ୍ଷ ମତଦାତାଙ୍କୁ ଭୋଟରଙ୍କ ନିକଟରେ ଫର୍ମ ପହଞ୍ଚାଇବାରେ ପ୍ରଶାସନ ସଫଳ ହୋଇଛି। ଗତକାଲି ସୁଦ୍ଧା ସମୁଦାୟ ଭୋଟରଙ୍କ ମଧ୍ୟରୁ ୭୫ ପ୍ରତିଶତରୁ ଅଧିକଙ୍କୁ ଫର୍ମ ବଣ୍ଟନ କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷହୋଇଛି।

## ଭୋଟର ସଚେତନତା କାର୍ଯ୍ୟକ୍ରମ

ବ୍ରହ୍ମପୁରରେ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ବାଚନ ସମୟରେ ଯୁବ ସମାଜର ଭୂମିକା ନେଇ ଆଲୋଚନା ହୋଇଥିଲା ।

## ଓ.ଜେ.ଜେ.ଇ. ପରୀକ୍ଷାଫଳ

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା - ଓ.ଜେ.ଇ.ଇ.-୨୦୨୬ ଫଳ ପ୍ରକାଶ ପାଇଛି । ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କପାଇଁ ଚଳିତ ମାସ ତୃତୀୟ ସପ୍ତାହରେ କାଉନ୍ସେଲିଂ ଆରମ୍ଭ ହେବ । ଓଇଜେଇଇର ବି-ଫାର୍ମ ପାଠ୍ୟକ୍ରମରେ ଶୁଭ୍ରାଂଶୁ ସୂତାର ଶୀର୍ଷରେ ରହିଛନ୍ତି । ସେହିଭଳି ଏମ୍-ଟେକ୍‌ରେ ସ୍ୱାଗତ କୁମାର ବେହୁରା ଟପ୍ପର ହୋଇଛନ୍ତି । ଏଥିରେ ମୋଟ୍ ୬୨ହଜାର ୬୯୧ଜଣଙ୍କୁ ର୍‍ୟାଙ୍କ ମିଳିଛି । ଏହି ସଫଳତା

ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ବିର୍ସା ମୁଣ୍ଡା ତିରୋଧାନ ଦିବସ

ଭଗବାନ ବିର୍ସା ମୁଣ୍ଡାଙ୍କ ତିରୋଧାନ ଦିବସ ଅବସରରେ ଆଜି ବିଧାନସଭା ପରିସରରେ ତାଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନେ ପୁଷ୍ପମାଲ୍ୟ ଅର୍ପଣ କରିବେ । ବାଚସ୍ପତି ସୁରମା ପାଢ଼ୀ, ମନ୍ତ୍ରିମଣ୍ଡଳର ସଦସ୍ୟ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଯୋଗଦେବେ ବୋଲି ଜଣାପଡିଛି ।

# ଟ୍ରେନ୍ ବାତିଲ

ଲିଙ୍କ ଟ୍ରେନ୍‌ରେ ବିଳମ୍ବ ହେତୁ ଆଜି ପୁରୀ-ହାଓ୍ୱଡା ଶତାବ୍ଦୀ ଏକ୍ସପ୍ରେସ୍‌କୁ ବାତିଲ କରାଯାଇଛି । ସେହିଭଳି ହାଓ୍ୱଡା ପୁରୀ ଶତାବ୍ଦୀ ଏକ୍ସପ୍ରେସ୍ ମଧ୍ୟ ଆଜି ବାତିଲ ରହିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି ।

# ଆକାଶବାଣୀ

ଆକାଶବାଣୀ ୯୦ ବର୍ଷର ଗୌରବମୟ ଯାତ୍ରା ସମ୍ପୂର୍ଣ୍ଣ କରିବା ଅବସରରେ ଆକାଶବାଣୀ ଭବାନୀପାଟଣା କେନ୍ଦ୍ର ପକ୍ଷରୁ ଭବାନୀପାଟଣା ଟାଉନହଲ୍‌ରେ 'ନବତି ଗୌରବାନ୍ୱୟୀ' ସୁଗମ ସଙ୍ଗୀତ ସମାରୋହ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି ।

ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ ଆକାଶବାଣୀର ଇତିହାସ ଓ ଜନସମ୍ପର୍କରେ ଏହାର ଭୂମିକା ଉପରେ ଆଲୋକପାତ କରିଥିଲେ।

## କବାଡ଼ି ଚାମ୍ପିୟନସିପ୍

ବ୍ରହ୍ମପୁରସ୍ଥିତ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଆନ୍ତଃ-୧୬ ବର୍ଷୀୟ ବାଳକ ଓ ବାଳିକା ବର୍ଗର ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତାର ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ବାଳିକା ବର୍ଗରେ ଗଞ୍ଜାମ ଦଳ ୫୩-୨୪ ପଏଣ୍ଟରେ ସମ୍ବଲପୁରକୁ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଛି । ସେହିଭଳି ବାଳକ ବର୍ଗରେ ବାଲେଶ୍ୱର ୬୮–୪୦ ପଏଣ୍ଟରେ ନୟାଗଡ଼କୁ ପରାସ୍ତ କରିଛି।

## ପାଣିପାଗ

ରାଜ୍ୟରେ କାଳବୈଶାଖୀର ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ୬ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି । ଏଥିଲାଗି ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ ଗତାକାଲି ୭ଟି ସହରର ତାପମାତ୍ରା ୪୦ଡିଗ୍ରୀ ଉପରେ ରେକର୍ଡ ହୋଇଥିବାବେଳେ ଟିଟିଲାଗଡରେ ସର୍ବାଧିକ ତାପମାତ୍ରା ୪୨ ଡିଗ୍ରୀ ସେଲସିୟସ ରହିଥିଲା ।